# ତହସିଲ କାର୍ଯ୍ୟାଳୟ, ରଣପୁର, ଜିଲ୍ଲା- ନୟାଗଡ଼

ବିଜ୍ଞାପନ ପତ୍ର ସଂଖ୍ୟା- ୩୮୨୦ ତା ୨୭.୧୧.୨୦

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

[ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – 2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ) ଆଇନ – 2017 ଅନୁଯାୟୀ]

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନୟାଗଡ଼ ଜିଲ୍ଲା ଅଧିନସ୍ଥ ରଣପୁର ତହସିଲରେ ଥିବା ସାରଣୀ-1 ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକ 2020-21 ବର୍ଷଠାରୁ 2024-25 (ପାଞ୍ଚ)ବର୍ଷିୟା ଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଫର୍ମ 'M' ସହିତ ଅନ୍ୟାନ୍ୟ କାଗଜାତର ଜଉମୁଦ ଲଫାପାରେ ଆସନ୍ତା ତା 14/12/2020 ରିଖ ଦିବା ୧୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲଦାର, ରଣପୁରଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ସେହି ଦିନ ଅପରାହ୍ନ ୧୨.୩୦ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ସମୂହର ଉନ୍ମୋଚନ ଓ ତନଖି କରାଯିବ ।

ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ "ସୈରାତ ଉତ୍ସର ନାମ" ଲେଖିବାକୁ ପଡିବ । ଦରଖାସ୍ତକାରୀ ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଉନ୍ମୋଚନ ଓ ତନଖି ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି।

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ :-

୧. ଦରଖାସ୍ତ ଫିସ ବାବଦକୁ ଟ୍ରେଜେରୀ ଚାଲାଣ ଟ ୧୦୦୦/- (Non refundable) IN Head of account- 0853-Non-ferrous Mining & Metallurgical Industries 102-Mineral concession fees- Rents and Royalties.

୨. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା "ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ , ରକବା ଏବଂ କିସମ" ର ସଠିକ ତଥ୍ୟ ଲେଖିବା ବିଧେୟ ।

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

Scanned by TapScanner

୪. Rule 27(iv) of OMMC Rules, 2016 ମୁତାବକ ଦରଖାସ୍ତକାରୀ ଧାର୍ଯ୍ୟମୂଲ୍ୟ ତଦୁର୍ଦ୍ଧ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତ୍ତୀ 18 ମାସ ପର୍ଯ୍ୟନ୍ତ ବୈଧ ଥିବା ତାହା ଦାଖଲ କରିବେ । ଏଥି ସହିତ ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।

୫. ଆବେଦନକାରୀ ଲିଖିତ EMD ମୂଲ୍ୟର BANK DRAFT Tahasildar, Ranpur & Payable at Uco Bank, Ranpurଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରିନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

୬. ଫର୍ମ 'M' ରେ ଥିବା କ୍ରମିକ ନମ୍ବର ୫ ରେ rate of royalty ( per cubic metre) ପରିବର୍ତ୍ତେ Rate of Additional Charge (per cubic metre) ଦର୍ଶାଇବେ ଏବଂ ଏହା ସଂପୂର୍ଣ୍ଣ ଭାବରେ ଅକ୍ଷରରେ ଦର୍ଶାଇବେ ।

୭. Income tax clearance କିମ୍ବା ଗତ Assessment Year ର IT Returnର ନକଲ ଯଦି ଥାଏ , ଦାଖଲ କରିବେ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୮. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

୯. ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 & 2018 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ ।

ଏତତ ବ୍ୟତୀତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।

୧. ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୨. ଚଳିତ ବର୍ଷରେ ପଥର ଉତ୍ସ ପାଇଁ ପଥରର ପ୍ରତି ଘନ ମିଟର ପିଛା Royalty ବାବଦକୁ 130/- ଟଙ୍କା , ମୋରମ ପାଇଁ 35/- ଏବଂ ମାଙ୍କଡା ପଥର ପାଇଁ ଏହା 180/- ଧାର୍ଯ୍ୟ ଅଛି। ଏହା ଅପରିବର୍ତ୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ -୧ ର ସ୍ତମ୍ଭ -୧୦ ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Chargeର ମୂଲ୍ୟ ବା ତଦୁର୍ଦ୍ଧ quote କରିବାକୁ ପଡିବ । କୌଣସି ପରିସ୍ଥିତିରେ Additional Charge ର ନିର୍ଦ୍ଧାରିତ ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form-F ମାଧ୍ୟମରେ ଏ ବିଷୟରେ ଜଣାଇ ଦିଆଯିବ । ଏବଂ ତାଙ୍କର ସହମତି 15 ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

Scanned by TapScanner

୩. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜଧାରୀମାନେ ସମାନୁପାତିକ ଭାବେ ବହନ କରିବେ ନିମ୍ନଲିଖିତ ଉତ୍ସ ପାଇଁ ଉପଯୁକ୍ତ ପଦାଧିକାରୀଙ୍କ ଠାରୁ Mining Plan ମଞ୍ଜୁରୀ ହୋଇ ଆସିଛି , ଏହାର ଖର୍ଚ୍ଚ ବାବଦର ସରକାରୀ ଦେୟ ଯୋଗ୍ୟ ହିତାଧିକାରୀଙ୍କୁ ଦେବାକୁ ପଡିବ ଏବଂ ଏଥିସହ Environment Clearance ର ଖର୍ଚ୍ଚ ଓ ନିର୍ଦ୍ଧାରିତ Security Deposit ସବୁ ଯୋଗ୍ୟ ବିବେଚିତ ନିଲାମଧାରୀ 10 ଦିନ ମଧ୍ୟରେ ନିଜେ Environment Clearance , SEIAA, Odishaଙ୍କ ପକ୍ଷରୁ ଅନୁମତି ଆଣିବେ ।

୪. ଏଥିସହ Royalty, Dead Rent, Surface Rent, ଆଦିର ନିର୍ଦ୍ଧାରିତ ମୂଲ୍ୟ ଦାଖଲ କରିବା ହେବେ ଏବଂ ତିନି ସପ୍ତାହ ମଧ୍ୟରେ Indian Registration Act & Stamp Act ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରି Ranpur ସ୍ଥିତ Sub-Registrar Officeରେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି ଦେୟ କରି ଚୁକ୍ତିନାମାଟିରେ ରେଜିଷ୍ଟ୍ରେସନ କରାଇବେ । ଏହାବ୍ୟତୀତ Income Tax ବାବଦକୁ ଟଙ୍କା ପଇଠ କରିବାକୁ ହେବ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ।

୫. ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ , ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କାରୀ ପରିଚାଳନା କରିପାରିବେ ।

୬. ଲିଜଧାରୀ ଧାର୍ଯ୍ୟ ହୋଇଥିବା ସମସ୍ତ ସରକାରୀ ଦେୟ ବର୍ଷୱାରି ୧୫ ଜାନୁଆରୀ ସୁଦ୍ଧା ଅତ୍ର କାର୍ଯ୍ୟାଳୟରେ ଦାଖଲ କରିବେ । ଯଦି ଠିକ ସମୟରେ ସରକାରୀ ଦେୟ ପଇଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପଇଠ ପରେ ସୁଯୋଗ ଦିଆଯିବ ।

୭. ହିସାବ ଅନୁଯାୟୀ ରୟାଲଟି ଏବଂ Additional Charge ର 5 % Odisha Environment Management Fund Trust, Bhubaneswar ବାବଦକୁ (Draft) ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବେ ।

୮. ଆବେଦନକାରୀ ନୋଟିଫିକେସନ ନଂ S.O. 190 (E), Dt. 20.01.2016 Govt. of India, Ministery Environment Forest Climate Change ନିୟମାବଳି ଅନୁଯାୟୀ ଲିଜଧାରୀ ପରିବେଶ ସମ୍ବନ୍ଧୀୟ ଅନୁମତି ପାଇଁ ରୟାଲଟି ମୂଲ୍ୟର ଶତକଡା 10% ପ୍ରତିଶତ District Mineral Foundation (DMF) Funds ରେ ପଇଠ କରିବେ ।

୯. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ , ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

୧୦. ବାର୍ଷିକ ମୋଟ ଦେୟର ୨% ଲିଜ ଧାରୀ ଆୟକର (TDS) ଆକାରରେ ଟଙ୍କା ଜମା କରିବେ ।

Scanned by TapScanner

୧୧. ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୨. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୩. ଚଳିତ ବର୍ଷର ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବେ ।

1. Granite Stone (per cubic metre)Rs 130.00 (Royalty) + Rs 65.00 Additional Charge
2. Laterite Stone (per cubic metre)Rs 180.00 (Royalty) + Rs 90.00 Additional Charge
3. Morrum (per cubic metre) Rs 35.00 (Royalty) + Rs 20.00 Additional Charge
4. Surface rent Rs 360.00
5. Dead rent (per hect.) Rs 18000.00 (~~for stone~~)

୧୪. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD/ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ।

୧୫. ଲିଜ ଅବଧି ମଧ୍ୟରେ Schedule-II ରେ ଉଲ୍ଲେଖିତ ଲଘୁଖଣିଜ ଦ୍ରବ୍ୟର ରୟାଲଟି ଦରରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୁଲ୍ୟଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀଙ୍କୁ ବର୍ଦ୍ଧିତ ହାରରେ ରୟାଲଟି ପଇଠ କରିବାକୁ ହେବ

୧୬. ଧାର୍ଯ୍ୟ ତାରିଖ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ବା ରଦ୍ଦ କରିପାରିବେ ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜଧାରୀ Odisha Minor Mineral Concession Rule 2016 ର ଉଲଂଘନ କରନ୍ତି ତାହେଲେ ଲିଜଧାରୀଙ୍କର ଲିଜକୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ-୧ ରେ ବର୍ଣ୍ଣିତ ଅଛି ।

ତହସିଲଦାର, ରଣପୁର
TAHASILDAR,RANPUR

ଜ୍ଞାପକ ସଂଖ୍ୟା ୩୫୩ ତାରିଖ ୨୩।୧୧।୨୦

ଏହାର ଏକକିତ ନକଲ ଜିଲ୍ଲାପାଳ, ନୟାଗଡ଼/ ଉପ- ଜିଲ୍ଲାପାଳ, ନୟାଗଡ଼/ ସମସ୍ତ ତହସିଲଦାର, ଜିଲ୍ଲା- ନୟାଗଡ଼/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଣପୁର / ସମସ୍ତ ରାଜସ୍ୱ ନିରିକ୍ଷକ, ରଣପୁରଙ୍କ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ରଣପୁର
TAHASILDAR,RANPUR

Scanned by TapScanner

ଜ୍ଞାପକ ସଂଖ୍ୟା 3822 ତାରିଖ 27/11/20

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ରଣପୁରଙ୍କ ନୋଟିସ ବୋର୍ଡରେ ବିସ୍ତୁତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ରଣପୁର
TAHASILDAR, RANPUR

ଜ୍ଞାପକ ସଂଖ୍ୟା 3823 ତାରିଖ 27/11/20

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC), ନୟାଗଡ଼ଙ୍କ ଅବଗତି ତଥା ୱେବସାଇଟରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇଦିଆଗଲା ।

ତହସିଲଦାର, ରଣପୁର
TAHASILDAR, RANPUR

Scanned by TapScanner

# OFFICE OF THE TAHASILDAR, RANPUR

No. 3824 Date: 27/11/20

To

The Deputy Director,
Information and Public relation (Advt.) and
Deputy Secretary to Govt. Information and Public relation Deptt.,
Odisha, Bhubaneswar

Sub: Publication of Auction notice.

Sir,

In enclosing Auction notice of Minor Mineral of Ranpur Tahasil for long term lease of 08 nos of Sairat sources i.e. 5 years term period of 2020-2021 to 2024-2025. Further I am to request you that the same may kindly be published in two leading daily newspapers for wide publication of proposed sale and copy of each may please be supplied to this office for your reference.

Encl: 1. Advertisements

2. Short advertisement

Yours faithfully,

27/11/20

Tahasildar, Ranpur

TAHASILDAR, RANPUR

Memo No. 3825 Date: 27/11/20

Copy submitted to the sale notice (Auction) to Sub- Collector, Nayagarh/ Dist. Information Centre (NIC), Nayagarh for necessary publication in Nayagarh website.

27/11/20

Tahasildar, Ranpur

TAHASILDAR, RANPUR

Memo No. 3826 Date: 27/11/20

Copy to the DIPRO, Nayagarh for publication of the enclosed short advertisement in two leading daily newspapers for wide publication of the proposed sale.

27/11/20

Tahasildar, Ranpur

TAHASILDAR, RANPUR

Scanned by TapScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ରଣପୁର

## ଜିଲ୍ଲା- ନୟାଗଡ଼

## ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ନିଲାମ ଇସ୍ତାହାର

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା 3820 ତା 27/11/20 ରେ ରଣପୁର ତହସିଲ ଅନ୍ତର୍ଗତ 04 ଗୋଟି ଲଘୁ ଖଣିଜ ଉତ୍ସର ନିଲାମ ମାଧ୍ୟମରେ ଆସନ୍ତା ୫ବର୍ଷ (୨୦୨୦-୨୧ ରୁ ୨୦୨୪-୨୫) ନିମନ୍ତେ ଲିଜ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ନୟାଗଡ଼ ଜିଲ୍ଲା ୱେବସାଇଟ www.nayagarh.nic.in ରେ ଉପଲବ୍ଧ । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବସାଇଟରୁ ସମସ୍ତ ତଥ୍ୟ ହାସଲ କରିପାରିବେ କିମ୍ବା ରଣପୁର ତହସିଲ କାର୍ଯ୍ୟାଳୟକୁ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ଛୁଟିଦିନ ବ୍ୟତୀତ) ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ନେଇପାରିବେ । ଆବଶ୍ୟକ ସ୍ଥଳେ ଇସ୍ତାହାର ସଂକ୍ରାନ୍ତୀୟ କୌଣସି ଆବଶ୍ୟକ ସଂଶୋଧନ ନିମ୍ନ ଅଧିକାରୀ କରିପାରିବେ ।

ମୁଦ ଦରଖାସ୍ତ ଦଖଲର ଅନ୍ତିମ ତାରିଖ- ୧୪.୧୨.୨୦୨୦ (ସମୟ ମଧ୍ୟାହ୍ନ ୧୨.୦୦ ଘଟିକା)

ଦରଖାସ୍ତ ଉନ୍ମୋଚନ ଓ ତନଖିର ତାରିଖ- ୧୪.୧୨.୨୦୨୦ (ସମୟ ଅପରାହ୍ନ ୧୨.୩୦ ଘଟିକା )

ସ୍ୱା/-

ତହସିଲଦାର, ରଣପୁର

Scanned by TapScanner

# ସୈରାତ ଉତ୍ସର ବିବରଣୀ ( ୨୦୨୦-୨୧)

| କ୍ର.ନଂ. | ସୈରାତ କେସ ନଂ | ସୈରାତ ଉତ୍ସର ନାମ | ମୌଜା/ ଗ୍ରା. ପ.ର ନାମ | ଖାତା ନଂ | ପ୍ଲଟ ନଂ ଓ କିସମ | ରକବା (ଏକର) ରେ | ରୟାଲଟି ମୂଲ୍ୟର ପରିମାଣ (In Cum) | ଅତିରିକ୍ତ ଧାର୍ଯ୍ୟ ମୂଲ୍ୟ (In Cum) | MGQ ପେର ( In Cum) | Bank Guarantee or Solvency | EMD | Interest free Security Deposit |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | 49/20-21 | ଜଙ୍କିଆ ମୋରମ | ଜଙ୍କିଆ | 760 | 735 ଗୋଚର | 2.00 | 35.00 | 20.00 | 12240 | Addl. Charge offered + Royalty Rs 35 x 12240 mgq | 26650 | 10000 |
| 2 | 50/20-21 | ଜଙ୍କିଆ ମୋରମ | ଜଙ୍କିଆ | 760 | 737 ଗୋଚର | 4.00 | 35.00 | 20.00 | 4505 | Addl. Charge offered + Royalty Rs 35 x 4505 mgq | 53400 | 10000 |
| 3 | 53/20-21 | ଖଇରପଲ୍ଲୀ ମୋରମ | ଖଇରପଲ୍ଲୀ | 351 | 1532 ଗୋଚର | 0.50 | 35.00 | 20.00 | 1062 | Addl. Charge offered + Royalty Rs 35 x 1062 mgq | 5700 | 10000 |
| 4 | 54/20-21 | ଡିହଗାଁ ମୋରମ | ନରେନ୍ଦ୍ରପୁର | 306 | 444 ବଗାୟତ | 0.50 | 35.00 | 20.00 | 1050 | Addl. Charge offered + Royalty Rs 35 x 1050 mgq | 5700 | 10000 |
| 5 | 96/15-16 | କେରେଣ୍ଡାଟାଙ୍ଗି କଳାମୁଗୁନି ପଥର | କେରେଣ୍ଡାଟାଙ୍ଗି | 258 | 07 ଗୋଚର | 2.00 | 130.00 | 65.00 | 421.40 | Addl. Charge offered + Royalty Rs 130 x 421.40 mgq | 8218 | 10000 |
| 6 | 60/19-20 | ବୋରବୋରଝର ମାଙ୍କଡା ପଥର | ମୟୂରଝାଲିଆ | 716 | 384 ଉନ୍ନତ | 4.50 | 180.00 | 90.00 | 8617 | Addl. Charge offered + Royalty Rs 180 | 155106 | 10000 |

Scanned by TapScanner

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| | | | | | ଯୋଜନା ଯୋଗ୍ୟ | | | | | x 8617 mgq | | |
| 7 | 72/19-20 | ଜଙ୍କିଆ ମାଙ୍କଡା ପଥର | ଜଙ୍କିଆ | 760 | 92 ପତିତ | 4.00 | 180.00 | 90.00 | 8001 | Addl. Charge offered + Royalty Rs 180 x8001 mgq | 144018 | 10000 |
| 8 | 79/19-20 | ବୃନ୍ଦାବନବିହାରିପୁର ମାଙ୍କଡା ପଥର | କେରେଣ୍ଡାଟାଙ୍ଗି | 127 | 553 ପତିତ | 6.00 | 180.00 | 90.00 | 10193 | Addl. Charge offered + Royalty Rs 180 x 10193 mgq | 183474 | 10000 |

ତହସିଲଦାର, ରଣପୁର
TAHASILDAR,RANPUR

Scanned by TapScanner